# Media Release on 'Day of Action' — September 28, 2013

## Transparency in formulation of BMC budget sought

Staff Reporter

**BERHAMPUR:** Transparency of budget of the Berhampur Municipal Corporation (BMC) should get enhanced along with increased public participation during formation of the budget, demanded civil society activists of the city.

They made this demand on Saturday during the 'know your city budget' campaign taken up by the Youth for Social Development (YSD) as part of the Global Movement for Budget Transparency, Accountability and Participation (BTAP). Added to it September 28 is also observed as the 'International Right to Know Day'.

During a seminar of the 'know your city budget' campaign on Saturday, all speakers were of the opinion that all citizens of the city had absolute right to know about details and intricacies of the budget of the BMC.

They demanded mandatory public disclosure of budget document and allocations before its approval by the BMC. There was demand for strengthening ward committees for public consultations in budget making process.

There was demand for enhancement of budgetary allocation for the urban poor and basic services like drinking water, sanitation, housing and transportation.

They wanted the BMC to provide information to the public regarding the budget through voluntary disclosure.

Different aspects of the recent BMC budget were also discussed.

An alarming fact that came to the fore was that the own income of the BMC was on the decline. Its growth rate had declined from 17.4 per cent in 2001-02 to 3 per cent in 2013-14.

The BMC is over dependent on grants and aids which amounts 73 per cent of its budget income. Sanitation remains a low priority area of the BMC as 14.74 per cent of budgetary allocation was being spent on it.

Expenditure on water supply of the BMC was only 4.95 per cent of its budget. Although there are 137 slums in the city and a sizeable population lives in them, the expenditure on making the city slum free was 23.78 per cent. The expenditure on street lighting and public recreation zones was also low in comparison to expectations of citizens.

## Seminar seeks public disclosure of BMC budget papers

KRUSHNA CHANDRA PANDA ■ BRAHMAPUR

Local NGO Youth for Social Development (YSD) organised a seminar on "Know Your City Budget" on Saturday to create public awareness about the budget of the Brahmapur Municipal Corporation (BMC) and make the budgets at the district level more transparent and citizen-friendly.

Mention may be made that civil society organisations and community leaders across the country are keen to understand policy decisions pertaining to Government budgets and participate meaningfully in discussions on budgetary priorities. But the limited transparency in the budgets at different levels (Union and State Governments and at the district level) has been a major hindrance, said YSD president Loknath Mishra.

The seminar highlighted some core issues in budget allocation and expenditure of the BMC. YSD secretary Bibhu Prasad Sahu pointed out that the BMC's own income has significantly reduced as the income growth rate which was 17.4 per cent in 2001-02 has come down to 3 three in 2013-14. The BMC is totally dependent on grant-in-aid as 73 per cent (Rs 9,800 lakh) of its total income comes from the State and Central Governments.

Similarly, the per capita income in the BMC has been increasing. It was ₹325 in 2000-01 and increased ten-fold to ₹3,025 in 2013-14, he said.

Sahu pointed out that sanitation gets low priority by the BMC with an expenditure of 14.74 per cent (Rs 1,252 lakh). Similarly, the expenditure on water supply remains only at Rs 420 lakh, only 4.95 per cent of the budget, despite the severity of water crisis in the city. Notwithstanding the BMC's much-hyped commitment for slum-free city, the expenditure on housing for 137 slums and informal settlements in the city is 23.78 per cent. The expenditure on livelihoods for the urban poor is only 8.24 per cent (Rs 700 lakh). The slum population is 1,17,541 constituting 30.5 per cent of the city's total, the speakers pointed out.




The situation of street lighting is in doldrums with the expenditure being 3 per cent (Rs 260 lakh). And the spending on parks remains as low as 0.12 per cent (Rs 10 lakh), it was pointed out.

Many speakers demanded mandatory public disclosure of budget documents and head-wise allocations before its approval by the BMC so that the denizens would have an opportunity to revise their priorities and needs. They also demanded citizen participation through ward committees in the budget making the process. .

There is a strong public perception that the expenditures by the BMC must be subject to social audit and approval of bills should be made only after physical verification of the works executed including inspection of the quality of the work by the ward committees to ensure transparency and accountability.

The garbage and solid wastes packed in the drains of Park Street vegetable market and sky-high debris at Panabika street for years and the state of recently-constructed roads and drains at Gandhinagar speak of the magnitude of the lack of seriousness of the BMC for public welfare, the speakers observed.

Among others who participated in the seminar included historian Prof Krushna Chandra Jena, advocate Abani Kumar Gaya; social workers Maguni Nahak and Rajanikant Mondal, BJP youth leader Prabhat Kumar Sadangi, Sakuntala Roula, advocate Siba Prasad Mishra; G Sahu and Prof PSN Patra.

# NGOs want BMC to make budget public



**BERHAMPUR:** A number of civil society organisations of Silk City led by Youth for Social Development demanded that the BMC budgets should be made public now. They conducted a meeting at Gate Bazar yesterday while Organizing Secretary Bibhu Prasad Sahu observed that people should be made aware about the income and expenditure of BMC. While about 80 percent of funds of BMC is provided by the state and central governments, how the BMC is failing to serve the public, he asked, alleging that BMC cannot provide the bare necessary services to the public. Services in drinking water supply and sanitation are not at all satisfactory, they observed, adding that roads and bridges are bad shape. The civil society members also alleged that the urban poor living in 137 slums in the city are living in miserable condition.


# ବ୍ରହ୍ମପୁର ମହାନଗର ନିଗମ ବଜେଟକୁ ଲୋକାଭିମୁଖୀ କରାଯାଉ : ୱାଇଏସ୍‌ଡ଼ି



ବ୍ରହ୍ମପୁର (ସାପ୍ର) : ଶନିବାର ଦିନ ଆର୍ନ୍ତଜାତୀୟ ଜାଣିବା ଅଧିକାର ଦିବସ ପରିପ୍ରେକ୍ଷୀରେ ସାରା ବିଶ୍ୱରେ ବଜେଟ ସ୍ୱଛତା ନିମନ୍ତେ ଆନ୍ଦୋଳନ ସଦୃଶ ବ୍ରହ୍ମପୁର ଗେଟବଜାରସ୍ଥିତ ଏନଜିଓ ହଲ ପରିସରରେ ସହରର ବିଭିନ୍ନ ନାଗରିକ ସଂଗଠନ ଓ ୱାଇଏସଡ଼ିର ମିଳିତ ଆନୁକୂଲ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ବିଭୁ ପ୍ରସାଦ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ୱାଇଏସଡ଼ି ସଭାପତି ଲୋକନାଥ ମିଶ୍ର, ବିକଳ୍ପ ପରିକ୍ରମା ମୁଖ୍ୟ ଶରତ ରଂଜନ ପଟ୍ଟନାୟକ, ଆଇନଜୀବୀ ଅବନୀ କୁମାର ଗୟା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ବୈଠକରେ ବ୍ରହ୍ମପୁର ମହାନଗର ନିଗମ ବଜେଟକୁ ଲୋକାଭିମୁଖୀ କରାଯାଉ ବୋଲି ଦାବି କରାଯାଇଥିଲା। ଫଳରେ ସହରରେ ରହୁଥିବା ଗରିବ ଶ୍ରେଣୀ, ସାମାଜିକ ଅବହେଳିତ ଗୋଷ୍ଠୀ ଓ ସହରର ମୌଳିକ ସୁବିଧା ଯଥା ପାନୀୟ ଜଳ, ପରିମଳ, ବାସଗୃହ ଓ ଗମନାଗମନ ବ୍ୟବସ୍ଥାର ଉନ୍ନତି ଆସିପାରିବ ବୋଲି ଏଠାରେ କୁହାଯାଇଥିଲା। ଆଲୋଚନା ପରେ ଉପସ୍ଥିତ ନାଗରିକ ସମାଜର ପ୍ରତିନିଧିମାନଙ୍କ ଦ୍ୱାରା ସାମାଜିକ, ଅବହେଳିତ ଗୋଷ୍ଠୀ ଓ ଶିଶୁମାନଙ୍କୁ ସୁହାଇଲା ଭଳି ଏକ ଦାବି ପତ୍ର ପ୍ରସ୍ତୁତ କରାଯାଇ ମହାନଗର ନିଗମ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ଏଠାରେ ନିଷ୍ପତ୍ତି ଗୃହୀତ ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ ଓ ଛାତ୍ରଗୋଷ୍ଠୀର ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ।

# ବ୍ରହ୍ମପୁର ମହାନଗର ନିଗମ ରାଜସ୍ୱ କମୁଛି

ବ୍ରହ୍ମପୁର (ବ୍ୟୁରୋ): ବ୍ରହ୍ମପୁର ମହାନଗର ନିଗମର ରାଜସ୍ୱ କମିବାରେ ଲାଗିଛି । ୨୦୦୧-୦୨ ମସିହାରେ ବାର୍ଷିକ ଆୟ ବୃଦ୍ଧିହାର ୧୭.୭୪ ପ୍ରତିଶତ ଥିଲା ବେଳେ ବର୍ତ୍ତମାନ ୨୦୧୩-୧୪ ମସିହା ବେଳକୁ ତାହା -୩ ପ୍ରତିଶତକୁ ଖସି ଆସିଛି ବୋଲି ଦାବୀ କରିଛି ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ୟୁଥ୍ ଫର୍ ସୋସିଆଲ୍ ଡେଭ୍‌ଲପ୍‌ମେଣ୍ଟ । ଆନ୍ତର୍ଜାତିକ ଜାଣିବା ଅଧିକାର ଦିବସ ପରିପ୍ରେକ୍ଷୀରେ ସାରା ବିଶ୍ୱରେ ବଜେଟ ସ୍ୱଚ୍ଛତା ପାଇଁ ଆନ୍ଦୋଳନ ଜାରି ରହିଥିବା ବେଳେ ୱାଇଏସ୍‌ଡି ପକ୍ଷରୁ ଏହି ଭଳି ଏକ ନାଗରିକ କର୍ମଶାଳାରେ ସ୍ଥାନୀୟ ଗେଟ ବଜାର ଏନ୍‌ଜିଓ ହଲ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ମହାନଗର ନିଗମ ବଜେଟ୍‌କୁ ବିଶ୍ଳେଷଣ କରିବା ସହିତ ବଜେଟ୍ ତିଆରି ସମୟରେ କେଉଁ କେଉଁ ବିଷୟଗୁଡ଼ିକୁ ଧ୍ୟାନ ଦିଆଯିବା ଦରକାର, ସହରର ଅତ୍ୟାବଶ୍ୟକ ମୌଳିକ ସୁବିଧା ଯଥା ପାନୀୟ ଜଳ, ଗମନାଗମନ, ପରିଷ୍କାର ଓ ପରିଚ୍ଛନ୍ନତା, ସାହି ଆଲୋକ ବ୍ୟବସ୍ଥା, ବାସଗୃହ ଓ ପାର୍କ ପାଇଁ ମହାନଗର ନିଗମ କେତେ ବ୍ୟୟବରାଦ କରୁଛି




ସେଗୁଡ଼ିକୁ ଆଲୋଚନା କରାଯାଇଥିଲା । ଏଥିରେ ୨୦୧୩-୧୪ ଆର୍ଥିକ ବର୍ଷର ଆନୁମାନିକ ଆୟ ହିସାବକୁ ନେଲେ ବ୍ରହ୍ମପୁର ମହାନଗର ନିଗମ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ ବୋଲି କୁହାଯାଇଛି ।

ମହାନଗର ନିଗମରେ ବଜେଟ ଅନୁମୋଦନ ଲାଭ ପୂର୍ବରୁ ବଜେଟ ଡକ୍ୟୁମେଣ୍ଟ ସର୍ବସାଧାରଣଙ୍କ ଜାଣିବା ପାଇଁ ମହାନଗର ନିଗମର ନିଜସ୍ୱ ୱେବ ସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ଦାବୀ କରାଯାଇଥିଲା । ଆଲୋଚନା ପରେ ଉପସ୍ଥିତ ନାଗରିକ ସମାଜର ପ୍ରତିନିଧିମାନଙ୍କ ଦ୍ୱାରା ବଜେଟ୍ ତିଆରି ପ୍ରକ୍ରିୟା, ସାମାଜିକ ଅବହେଳିତ ଗୋଷ୍ଠୀ, ଶିଶୁମାନଙ୍କୁ ସୁହାଇଲା ଭଳି ବଜେଟ୍ ତିଆରି ବ୍ୟବସ୍ଥା ପାଇଁ ଆବଶ୍ୟକ ଥିବା ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ସର୍ବଶେଷରେ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇ ନିଗମ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ଅରୁଣା ଏନ୍‌ଜିଓର ସଭାପତି ଲୋକନାଥ ମିଶ୍ର, ମାନବ ଅଧିକାରୀ ମଞ୍ଚର ଅବନି ଗଣ୍ଡା, ୱାଇଏସ୍‌ଡିର ବିଭୁପ୍ରସାଦ ସାହୁ, ପ୍ରୋଗ୍ରେସ୍ ଏନ୍‌ଜିଓର ସରୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଏମ୍‌ସି ବଜେଟ ସମ୍ପର୍କିତ ସଚେତନତା ସଭା

# 'ବ୍ୟୟ ବରାଦକୁ ଲୋକାଭିମୁଖୀ କରାଯ

ବ୍ରହ୍ମପୁର ଅଫିସ, ୨୮।୯:
ୀନତାର ଛ'ଦଶନ୍ଧି ପରେ ମଧ୍ୟ
ିନ୍ନ ସରକାରୀ କାର୍ଯ୍ୟକ୍ରମକୁ
ପନୀୟତାର ଆଳରେ ଆୟ ବ୍ୟୟର
ଳ ଇତ୍ୟାଦିକୁ ଜନସାଧାରଣଙ୍କ ଠାରୁ
ପନୀୟ ରଖାଯାଇଛି । ବର୍ତ୍ତମାନ
ଡ଼ିକୁ ଜନସାଧାରଣଙ୍କ ନିକଟରେ
ଲାଖୋଲି ଭାବେ ପ୍ରକାଶ କରିବାର
ଳ ଆସିଛି ବୋଲି ବିଭିନ୍ନ ନାଗରିକ
ଦାବି କରୁଥିବା ସଂଘଠନ ମାନେ
ିଯୋଗ କରିଛନ୍ତି । ସ୍ଥାନୀୟ
ଟ୍‌ବଜାର ସ୍ଥିତ ଏନ୍‌ଜିଓ ହଲ୍
ସରରେ 'ୟୁଥ୍ ଫର ସୋସିଆଲ୍
ଭଲେପ୍‌ମେଣ୍ଟ' ସଂସ୍ଥାର ତତ୍ତ୍ୱାବଧାନ
" ଅନ୍ୟ କେତେକ ସଂସ୍ଥାର
ହୁକୂଲ୍ୟରେ ଏକ ସଚେତନତା ସଭା
ୟୋଜିତ ହୋଇଯାଇଛି । ଏଥିରେ
ନ୍ନ ସଂଘର କର୍ମକର୍ତ୍ତାମାନେ ବ୍ରହ୍ମପୁର
ାନଗର ନିଗମର ବଜେଟ୍ ବିଷୟରେ

ସ ବିଶେଷ ତଥ୍ୟ ପ୍ରଦାନ କରିଥିଲେ । ସାଧାରଣତଃ ପ୍ରତ୍ୟେକ ଆର୍ଥିକ ବର୍ଷରେ ବ୍ରହ୍ମପୁର ମହାନଗର ନିଗମ ତାଙ୍କ ବଜେଟ୍‌କୁ ଜନସାଧାରଣଙ୍କ ଅଜ୍ଞାତରେ ପ୍ରବେଶ କରିଥାନ୍ତି । ସେଥିରେ ବହୁ ତଥ୍ୟ ଜନସାଧାରଣଙ୍କୁ ଜଣା ନଥାଏ ବୋଲି ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଗଣତନ୍ତ୍ର ରାଜ୍ୟରେ ଜନସାଧାରଣ ସରକାରୀ କାର୍ଯ୍ୟକ୍ରମର ସମସ୍ତ ବିବରଣୀ ପାଇବା ପାଇଁ ହକ୍‌ଦାର ଅଟନ୍ତି । ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମର କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା । ସେଗୁଡ଼ିକ ହେଲା ଗତ ୨୦୦୧/୨ ମସିହାରେ ତତ୍କାଳୀନ ବ୍ରହ୍ମପୁର ମୁନିସିପାଲଟିର ବୃଦ୍ଧିହାର ୧୭.୪ ପ୍ରତିଶତ ଥିବା ବେଳେ ଦୁର୍ଭାଗ୍ୟବଶତଃ ଏହାର ବୃଦ୍ଧିହାର -୩ ପ୍ରତିଶତକୁ ଖସି ଆସିଛି । ଯାହାକି ଜନସାଧାରଣଙ୍କ ପାଇଁ ଏକ ଶୁଭଙ୍କର ସଙ୍କେତ ନୁହେଁ ।

୨୦୧୩/୧୪ ଆର୍ଥିକ ବର୍ଷର ଆନୁମାନିକ ଆୟକୁ ଅନୁଧ୍ୟାନ କଲାଯାଏ ଯେ ବିଏମ୍‌ସିର ମୋଟ ଆୟର ୭୩ ପ୍ରତିଶତ ଅର୍ଥାତ ୯୮ କୋଟି ଟଙ୍କା କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ବାବଦରେ ବିଏମ୍‌ସିକୁ ପ୍ରାପ୍ତ ହୋଇଥାଏ । ନିଜସ୍ୱ ଆଦାୟ ଅତି ନଗଣ୍ୟ ହୋଇଥିବା ବିଏମ୍‌ସି ଠାରୁ ଜନସାଧାରଣ କି ପ୍ରକାର ସେବା ଆଶା କରିବେ ତାହା ସହଜରେ ଅନୁମେୟ । ୨୦୦୦/୦୧ ଆର୍ଥିକ ବର୍ଷରେ ବ୍ରହ୍ମପୁର ମ୍ୟୁନିସିପାଲଟି ମୁଣ୍ଡପିଛା ଆଦାୟ ୩୨୫ ଟଙ୍କା ଥିବା ବେଳେ ୨୦୧୩/୧୪ ଆର୍ଥିକ ବର୍ଷରେ ବିଏମ୍‌ସିର ମୁଣ୍ଡପିଛା ଆୟ ୩,୨୨୫ ଟଙ୍କାକୁ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଏହାର ଜନସାଧାରଣ ମୌଳିକ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ନିଜର ମୋଟ ଖର୍ଚ୍ଚର ପ୍ରାୟ ୭୯ ପ୍ରତିଶତ ଅର୍ଥ




ଜନମଙ୍ଗଳ କାର୍ଯ୍ୟ ପାଇଁ ବିନିଯୋଗ କରୁଥିବା ବେଳେ ୨୦ ପ୍ରତିଶତ ପ୍ରଶାସନିକ ଖର୍ଚ୍ଚ ବାବଦକୁ ଏବଂ ୧ ପ୍ରତିଶତ ଅର୍ଥ ବିଭିନ୍ନ ବାବଦରେ ବିଏମ୍‌ସି ପକ୍ଷରୁ ଋଣ ପରିଶୋଧ କରିବା ଦିଗରେ ବିନିଯୋଗ କରୁଥିବା ଜଣାପଡ଼ିଛି । ବିଏମ୍‌ସିର ମୋଟ ବ୍ୟୟ ବରାଦର ପ୍ରାୟ ୧୪.୭୪ ପ୍ରତିଶତ ଅର୍ଥାତ ୧୨.୫୨ କୋଟି ଟଙ୍କା ଅଳିଆ ଆବର୍ଜନା ସଂଗ୍ରହ, ପରିଚାଳନା, ନାଳ ନର୍ଦ୍ଦମା ସଫା ଏବଂ ସର୍ବ ସାଧାରଣଙ୍କ ପାଇଁ ପାଇଖାନା ନିର୍ମାଣ କରିବା ଦିଗରେ ଖର୍ଚ୍ଚ କରିବା ଯୋଜନା ରହିଛି । ଯାହାକି ବାସ୍ତବ ଆବଶ୍ୟକତା ଠାରୁ ଅତି କମ୍ । ଏହି ବର୍ଷ ବିଏମ୍‌ସି ପ୍ରାୟ ୧୭ କୋଟି ଟଙ୍କା ରାସ୍ତା ଓ କଲଭର୍ଟ ତିଆରି କରିବା ପାଇଁ ପ୍ରସ୍ତାବ ରଖିଛି । ଲକ୍ଷାଧିକ ବସ୍ତି ବାସିନ୍ଦା ବସବାସ କରୁଥିବା ମହାନଗର ନିଗମ ଅଞ୍ଚଳରେ ସେମାନଙ୍କ ପାଇଁ ବାସଗୃହ ନିର୍ମାଣ ଓ ଅନ୍ୟାନ୍ୟ ମଙ୍ଗଳ କାର୍ଯ୍ୟ ଦିଗରେ ମାତ୍ର ୨୦.୨୦ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା କରିଛି । ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକ ହୋଇଥିବା ଜଳ ସମ୍ପଦର ସୁରକ୍ଷା ଦିଗରେ ୪.୨୦ କୋଟିର ଅତି ସ୍ୱଳ୍ପ ପରିମାଣର ବ୍ୟୟ ଧାର୍ଯ୍ୟ କରାଯାଇଛି । ସହରର ଶତାଧିକ ସାହି ଓ ଗଳି କନ୍ଦିରେ ବିଦ୍ୟୁତ ଆଲୁଅ ଅବସ୍ଥା ନଥିବା ବେଳେ ସେହି ଦିଗରେ କେବଳ ୨.୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ନିର୍ଦ୍ଧାରିତ ହୋଇଛି । ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ମୋଟ ଜନସଂଖ୍ୟାର ୩୧ ପ୍ରତିଶତ ଗରୀବ ଜନସାଧାରଣଙ୍କ ଜୀବିକା ଓ ନିଯୁକ୍ତି ପାଇଁ କେବଳ ୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ମହାନଗର ନିଗମ ଏହାର ଅଞ୍ଚଳବାସୀଙ୍କ ଠାରୁ କର ରୂପେ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ବେଳେ ସେମାନଙ୍କ ଅର୍ଥର ସଦ୍ ବିନିଯୋଗ କରିବାର ଦାୟିତ୍ୱ ରହିଛି । ତେଣୁ ଆଜିର ଏହି ସମାବେଶରେ ବିଭିନ୍ନ ସଂଘମାନେ ଦାବି କରିଥିଲେ ଯେ ବିଏମ୍‌ସିର ବଜେଟ୍ ଅନୁମୋଦନ ଲାଭ କରିବା ପୂର୍ବରୁ ଏହା ସର୍ବ ସାଧାରଣଙ୍କ ଜାଣିବା ପାଇଁ ସୁବ୍ୟବସ୍ଥା କରାଯାଉ । ବିଏମ୍‌ସିର ନିଜସ୍ୱ ୱେବ୍‌ସାଇଟ୍‌ରେ ଏହାର ବିବରଣୀ ପ୍ରକାଶ କରାଯାଉ । ବଜେଟ୍ ପ୍ରସ୍ତୁତି ପୂର୍ବରୁ ସ୍ଥାନୀୟ ଜନସାଧାରଣ ତଥା ବୁଦ୍ଧିଜୀବୀଙ୍କ ଭାଗିଦାରୀ ନିଶ୍ଚିତ କରିବା ପାଇଁ ୱାର୍ଡ କମିଟି ଗଠନ କରି ବିଭିନ୍ନ ଲୋକଙ୍କ ମତ ସଂଗ୍ରହ କରନ୍ତୁ । ଜନସାଧାରଣଙ୍କ

ନ୍ୟାର୍ଯ୍
ଯଥା
ଓ ଗ
ବଜେ
ବଜେ
ବ୍ୟ,
ଭିନ୍ନ
କରା
ଆୟ
କି ଯେ
ବିବର
ସ୍ୱତନ୍ତ୍ର
ମତ
କାର୍ଯ୍
ଡେଭ
ମାନବ
ଜିଲ୍ଲା
ସୋ
କର୍ମକ

# ନିଗମ ବଜେଟ୍‌କୁ ଲୋକାଭିମୁଖୀ କରିବାକୁ ୱାଇଏସ୍‌ଡିର ଦାବି

ବ୍ରହ୍ମପୁର,୨୮।୦୯ (ସ:ବ୍ୟୁ): ଆନ୍ତର୍ଜାତୀୟ ସୂଚନା ଅଧିକାର ଦିବସ ଅବସରରେ ବଜେଟ୍‌ରେ ସ୍ୱଚ୍ଛତା ପାଇଁ ବ୍ରହ୍ମପୁର ଗେଟ ବଜାର ସ୍ଥିତ ଏନଜିଓ ହଲ ପରିସରରେ ସହରର ବିଭିନ୍ନ ନାଗରିକ ସଂଗଠନ ଓ ୱାଇଏସ୍‌ଡିର ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ବିଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାଇଏସ୍‌ଡି ସଭାପତି ଲୋକନାଥ ମିଶ୍ର, ବିକଳ୍ପ ପରିକ୍ରମା ମୁଖ୍ୟ ଶରତ ରଞ୍ଜନ ପଟ୍ଟନାୟକ, ଆଇନଜୀବୀ ଅବନୀ କୁମାର ଗୟା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ବ୍ରହ୍ମପୁର ମହାନଗର ନିଗମର ଅଟକଳକୁ ଲୋକାଭିମୁଖୀ କରାଯିବାକୁ ଦାବି କରାଯାଇଥିଲା । ସହରରେ ରହୁଥିବା ଗରିବ ଶ୍ରେଣୀ, ସାମାଜିକ ଅବହେଳିତ ଗୋଷ୍ଠୀ ଓ ସହରର ମୌଳିକ ସୁବିଧା ଯଥା ପାନୀୟ ଜଳ, ପରିମଳ, ବାସଗୃହ ଓ ଗମନାଗମନ ବ୍ୟବସ୍ଥାର ଉନ୍ନତି ଆସିପାରିବ ବୋଲି କୁହାଯାଇଛି । ସମ୍ପାଦକ ବିଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାଇଏସ୍‌ଡି ସଭାପତି ଲୋକନାଥ ମିଶ୍ର, ବିକଳ୍ପ ପରିକ୍ରମା ପ୍ରମୁଖ ଶରତ ରଂଜନ ପଟ୍ଟନାୟକ, ଆଇନଜୀବୀ ଅବନୀ କୁମାର ଗୟା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ବୈଠକରେ ମହାନଗର ନିଗମ ବଜେଟକୁ ଲୋକାଭିମୁଖୀ କରାଯିବାକୁ ଦାବି ହୋଇଥିଲା । ଫଳରେ ସହରରେ ରହୁଥିବା ଗରିବ, ସାମାଜିକ ଅବହେଳିତ ଗୋଷ୍ଠୀ, ସହରର ମୌଳିକ ସୁବିଧା ଯଥା ପାନୀୟ ଜଳ, ପରିମଳ, ବାସଗୃହ ଓ ଗମନାଗମନ ଆଦିରେ ଉନ୍ନତି ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଆଲୋଚନା ପରେ ଉପସ୍ଥି ନାଗରିକ ସମାଜର ପ୍ରତିନିଧିଙ୍କ ଦ୍ୱାରା ସାମାଜିକ, ଅବହେଳିତ ଗୋଷ୍ଠୀ ଓ ଶିଶୁ ମାନଙ୍କୁ ସୁହାଇଲା ଭଳି ଏକ ଦାବି ପତ୍ର ପ୍ରସ୍ତୁତ କରାଯାଇ ନିଗମ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ମହାନଗର ନିଗମ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ଏଠାରେ ନିଷ୍ପତ୍ତି ଗୃହୀତ ହୋଇଥିଲା । ଏହି ଅବସରରେ ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ ଓ ଛାତ୍ରଗୋଷ୍ଠୀର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ବଜେଟ ଲୋକାଭିମୁଖୀ ସଂକ୍ରାନ୍ତ କର୍ମଶାଳା

ବ୍ରହ୍ମପୁର, ୨୮।୯(ବ୍ୟୁରୋ)-ମହାନଗର ନିଗମ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବଜେଟକୁ ଲୋକାଭିମୁଖୀ କରାଯିବା ସମ୍ପର୍କରେ ୟୁଥ ଫର୍ ସୋସିଆଲ ଡେଭଲପମ୍ୟାଣ୍ଟ ପକ୍ଷରୁ ଏନ୍‌ଜିଓ ହଲ୍‌ଠାରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା । କର୍ମଶାଳାରେ ବହୁ ସ୍ଥାନୀୟ ବ୍ୟକ୍ତି ଓ ନାଗରିକ ଯୋଗଦେଇ ବ୍ରହ୍ମପୁର ମହାନଗର ନିଗମର ବଜେଟ୍‌କୁ ବିଶ୍ଳେଷଣ କରିବା ସହିତ ବଜେଟ ତିଆରି ସମୟରେ କେଉଁ କେଉଁ ବିଷୟକୁ ଧ୍ୟାନ ଦିଆଯିବା ଦରକାର ସେ ସମ୍ପର୍କରେ ଆଲୋଚନା କରିଥିଲେ । ସହରର ଅତ୍ୟାବଶ୍ୟକ ମୌଳିକ ସୁବିଧା ଯଥା ପାନୀୟ ଜଳ, ଗମନାଗମନ, ପରିଷ୍କାର ପରିଚ୍ଛନ୍ନତା, ଆଲୋକବ୍ୟବସ୍ଥା,ବାସଗୃହ ଓ ପାର୍କ ପାଇଁ କେତେ ବ୍ୟୟ ବରାଦ ହେଉଛି ତାହା ସମସ୍ତଙ୍କୁ ଜଣାଇବା ପାଇଁ ଆଲୋଚନା ହୋଇଥିଲା । ସମାଜର ପ୍ରତିନିଧିମାନଙ୍କ ଦ୍ୱାରା ବଜେଟ ତିଆରି ପ୍ରକ୍ରିୟାରେ ସାମାଜିକ ଅବହେଳିକ ଗୋଷ୍ଠୀ ଓ ଶିଶୁଙ୍କୁ ସୁହାଇଲା ଭଳି ବଜେଟ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଥିବା କର୍ମଶାଳାରେ ମତପ୍ରକାଶ ପାଇଥିଲା । ଏହି ମର୍ମରେ ମହାନଗର ନିଗମ କର୍ତ୍ତୃପକ୍ଷ ଓ ଜିଲାପ୍ରଶାସନକୁ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଥିଲା । ୟୁଥ ଫର ସୋସିଆଲ ଡେଭଲପମ୍ୟାଣ୍ଟର ସଭାପତି ଲୋକନାଥ ମିଶ୍ର, ବିପ୍ଳବ ପରିକ୍ରମାର ସରୋଜ ରଞ୍ଜନ ପଟ୍ଟନାୟକ, ଆଇନଜୀବୀ ଅବନୀ ଗୟା, ୱାଇଏସଡିର ବିଭୂ ପ୍ରସାଦ ସାହୁ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ ।

# ବିଏମସି ବଜେଟ ସଂକ୍ରାନ୍ତ ସଚେତନତା ଅଭିଯାନ ଓ କର୍ମଶାଳା




ବ୍ରହ୍ମପୁର,୨୯।୯(ଇମିସ): ସ୍ଥାନୀୟ ଗେଟବଜାର ଏନଜିଓ ହଲ୍ ସମ୍ମିଳନୀ କକ୍ଷ ପରିସରରେ ଶନିବାର ଅନ୍ତର୍ଜାତୀୟ ଜାଣିବା ଅଧିକାର ଦିବସ ଅବସରରେ ୟୁଥ୍ ଫର୍ ସୋସିଆଲ୍ ଡେଭଲପମେଣ୍ଟ୍ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ 'ନୋ ୟୋର୍ ସିଟି ବଜେଟ୍' ତଥା 'ଆପଣଙ୍କ ସହରର ବଜେଟକୁ ଜାଣନ୍ତୁ' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଏବଂ ନାଗରିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ରହ୍ମପୁର ମହାନଗର ନିଗମର ବଜେଟକୁ ବିଶ୍ଳେଷଣ କରାଯିବା ସହ ବଜେଟ୍ ତିଆରି ସମୟରେ କେଉଁ କେଉଁ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ,ସହରର ଅତ୍ୟାବଶ୍ୟକ ମୌଳିକ ସୁବିଧା ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ କେତେ ବ୍ୟୟବରାଦ କରୁଛନ୍ତି ଏଦିଗରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ଉପସ୍ଥିତ ନାଗରିକ ସମାଜର ପ୍ରତିନିଧିଙ୍କ ଦ୍ୱାରା ବଜେଟ୍ ତିଆର ପ୍ରକ୍ରିୟା, ସାମାଜିକ ଅବହେଳିତ ଗୋଷ୍ଠୀ, ଶିଶୁମାନଙ୍କୁ ସୁହାଇବା ଭଳି ବେଜଟ୍ ତିଆରି ପାଇଁ ଆବଶ୍ୟକ ବିଭିନ୍ନ ଉପାଦାନ ଉପରେ ବକ୍ତବ୍ୟ ଉପସ୍ଥାପନା କରାଯାଇଥିଲା । ପରେ ଏନେଇ ଦାବିପତ୍ର ପ୍ରସ୍ତୁତ କରାଯାଇ ମହାନଗର ନିଗମ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ମତ ପ୍ରକାଶ ପାଇଛି ।

ୱାଇଏସ୍‌ଡି ସଂପାଦକ ବିଭୂ ପ୍ରସାଦ ସାହୁ ଏହି ନାଗରିକ କର୍ମଶାଳାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଥିଲେ,ବିଏମସିର ନିଜସ୍ୱ ଆୟ ଦିନକୁ ଦିନ କମିବାରେ ଲାଗିଛି । ୨୦୦୧-୦୨ ଆର୍ଥିକବର୍ଷରେ ବାର୍ଷିକ ଆୟ ବୃଦ୍ଧିହାର ୧୭.୪ ପ୍ରତିଶତ ଥିବା ବେଳେ ୨୦୧୩-୧୪ ମସିହା ବେଳକୁ ଏହା ଖସି ଆସିଛି । ୨୦୦୦-୦୧ ଆର୍ଥିକ ବର୍ଷରେ (୨୦୦୧ ଜନଗଣନା ଅନୁସାରେ) ବିଏମସିର ମୋଟ ଆୟକୁ ହିସାବ କଲେ ମୁଣ୍ଡପିଛା ଆୟ ୩୨୫ଟଙ୍କା ଥିଲା କିନ୍ତୁ ୨୦୧୩-୧୪ ଆର୍ଥିକ ବର୍ଷରେ ୨୦୧୧ ଜନଗଣନା ଅନୁସାରେ ମୁଣ୍ଡପିଛା ଆୟ ଦଶଗୁଣ ବଢି ୩ହଜାର ୨୫ଟଙ୍କାରେ ପହଞ୍ଚିଛି । ତେଣୁ ଗଣତନ୍ତ୍ର ଶାସନରେ ଜଣେ ନାଗରିକ,ଭୋଟର ଓ କରଦାତା ହିସାବରେ ବଜେଟ୍ ସଂକ୍ରାନ୍ତ ବିଭିନ୍ନ ତଥ୍ୟ ଉପରେ ନାଗରିକଙ୍କ ଜାଣିବାର ଅଧିକାର ରହିଛି । ଯଦ୍ୱାରା ଆଗାମୀ ଦିନରେ ଲୋକମାନେ ବଜେଟ୍ ତିଆରି ପ୍ରକ୍ରିୟାରେ ଭାଗ ନେବା ସହ ବ୍ୟୟବରାଦ ବୃଦ୍ଧି ଦିଗରେ ଚାପ ପକାଇ ପାଇପାରିବେ ଏବଂ ସହରରେ ରହୁଥିବା ଗରିବ ଶ୍ରେଣୀ,ସାମାଜିକ ଅବହେଳିତ ଗୋଷ୍ଠୀଙ୍କ ଅବସ୍ଥାରେ ଉନ୍ନତି ଆସିପାରିବ । ଆଜିର ଏହି କର୍ମଶାଳାରେ ୱାଇଏସଡି ସଭାପତି ଲୋକନାଥ ମିଶ୍ରଙ୍କ ସମେତ ମାନବ ଅଧିକାର ସୁରକ୍ଷା ମଂଚ ଆବାହକ ଅବନୀ କୁମାର ଗୟା ଏବଂ ଦୁର୍ନୀତି ବିରୋଧ ମଂଚ ଆବାହକ ସରୋଜ ପଟ୍ଟନାୟକ ଓ ବିଭିନ୍ନ ବର୍ଗରୁ ବୁଦ୍ଧିଜୀବୀ ଓ ନାଗରିକ ମାନେ ଉପସ୍ଥିତ ଥିଲେ ।